# Review

"Birala Rupaka is a rare creative contribution to Oriya fiction The stories in the compilation, ridden with reality, novelties and pathos are spread over an amazingly broad canvas dealing with almost every sphere of human life and living. Remarkably conscious efforts are made by the writer to narrate the stories with controlled emotion and vivid picturesque description Application of appropriate imagery, adeptness in blending the real with imaginary and elasticity in style, distinguish Paramita's stories from those of others. She skillfully adopts the expressionistic mode of story telling through fusion and fission of man's inner world with his outer reality The stories aspire to compete with one another on daring genuineness, intense human sensitivity and extraordinary ornamentation of language. The shallowness of relationship, the anguish of modern age, the deformity of human values and the eternal ecstasy of love are essential ingredients of the stories.

"Birala Rupaka" can claim adequate relevance in the domain of contemporary Indian Literature with ease

## ପୁସ୍ତକ ସମୀକ୍ଷା

# ବିରଳ ରୂପକ

ଲେଖିକା ଶ୍ରୀମତୀ ପାରମିତା ଶତପଥୀ

ପ୍ରକାଶକ-ବିଦ୍ୟାପୁରୀ, ବିନୋଦ ବିହାରୀ, କଟକ-୨,

ମୂଲ୍ୟ-ଟ.୯୦.୦୦

ପାରମିତା ଶତପଥୀଙ୍କ ଗଳ୍ପ ସଂକଳନ 'ବିରଳ ରୂପକ'ରେ ଷୋହଳଟି ଗଳ୍ପ ସ୍ଥାନିତ ହୋଇଛି । ଏଇ ଗଳ୍ପଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ- ପ୍ରଥମ-ମାନବିକ ବନ୍ଧନ ଓ ଦ୍ୱିତୀୟ-ମାନବିକ ଉତ୍ତରଣ । ବସ୍ତୁତଃ କଥା ସାହିତ୍ୟ ବା ନାଟକରେ ଏଇ ଦୁଇଟି ବିଭାଗ ପରିସ୍ଫୁଟ ହୋଇଥାଏ । ଜୀବନର ଜଞ୍ଜାଳ ଓ ଯନ୍ତ୍ରଣା ସହିତ ବଞ୍ଚିବାର ବିକଶିତ ହୁଏ ତାହା ପଙ୍କରୁ ପଦ୍ମର ଜନ୍ମ ପରି । କିନ୍ତୁ ପଦ୍ମ ଫୁଟି ସାରିବା ପରେ ଏହାର ଶତଦଳର ଶୋଭା ଇନ୍ଦ୍ରଧନୁର ଆକର୍ଷଣ ଠାରୁ କମ ନୁହେଁ କିମ୍ବା କ୍ରୌଞ୍ଚର ବେଦନାଦଗ୍ଧ କ୍ରନ୍ଦନ ଠାରୁ ବେଶୀ ନୁହେଁ । 'ବିଦେଶିନୀ' ଗଳ୍ପଟିରେ ଲେଖିକା ମାନବିକ ବନ୍ଧନର ଉଦ୍ଭାସକୁ ଏପରି ସୂକ୍ଷ୍ମ କୋମଳ ରେଶମ ସୂତାରେ ବାନ୍ଧି ରଖିଛନ୍ତି ଯେ ତାହା ପାଠକକୁ ବିଭୋର କରି ରଖିବା ପାଇଁ ଯଥେଷ୍ଟ । ସେହିପରି ଆଉ ଏକ ଗଳ୍ପ ଅଭିସାର ଯେଉଁଠି ମାନବିକ ଉତ୍ତରଣ ସହିତ ମାନବିକ ବନ୍ଧନର ଫେଣ୍ଟାଫେଣ୍ଟି ରୂପ ହିଁ ଗଳ୍ପର ଐଶ୍ୱର୍ଯ୍ୟ । ଋତୁରାଜଙ୍କ ପାଇଁ ଗଳ୍ପରେ ନାରୀର ମହିମା, ତ୍ୟାଗ ସହିତ ତା'ର ଅନ୍ତର୍ବେଦନାର ଗଭୀରତା ପାଠକଙ୍କୁ ବିହ୍ୱଳ କରିଦିଏ । 'ଶିଶୁ ଦିବସ' ଗଳ୍ପ ନିଷ୍ଠୁର ବାସ୍ତବତାର ଏପରି ଏକ ଦିଗ ଯାହା ପଢ଼ିବା ପରେ ସୁଡ଼ଙ୍ଗ ଭିତରେ ସରୀସୃପ ପରି ଘାଣ୍ଟି ହେଉଥିବା ଜୀବନର କାରୁଣ୍ୟ ମନକୁ ମ୍ରିୟମାଣ କରିଦିଏ । 'ଭୋକ ଭୋକ' ତ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ୨୫ କୋଟି ଲୋକଙ୍କର କରୁଣ ଜୀବନ କାହାଣୀ । ଏଇ ଶ୍ରେଣୀର ଆଉ ଏକ ଚମତ୍କାର ଗଳ୍ପ ମାତୃତ୍ୱ । ଭୋକ ଭୋକ ଓ ମାତୃତ୍ୱର ପରିଭାଷାରେ ଜୀବନର ଅସହାୟତା ଓ କାତରତା ସହିତ ଲଢୁଥିବା ସାଢ଼େ ପାଞ୍ଚଫୁଟ ମଣିଷର ଦୃଢ଼ତା କେତେ ଗଭୀର ଏବଂ ବେଦନା କେତେ ତୀବ୍ର, ତାହା ସହଜରେ ବାରି ହୁଏ । ମଣିଷର ଛଳନା, ବିଶ୍ୱାସ ଘାତକତାର ମଧ୍ୟ ସୀମା ନାହିଁ । ମନ୍ତ୍ରସିଦ୍ଧି ଏହାର ଏକ ଦୃଷ୍ଟାନ୍ତ । ଲେଖିକାଙ୍କର



ଥାଏ ବଞ୍ଚିବାର ସାର୍ଥକତା । ମଣିଷ ଯେ ଏକା ଏକା ବଞ୍ଚି ପାରେନା ବା କେବଳ ପଶୁପକ୍ଷୀ ଓ ଜଡ଼ ଜଗତକୁ ନେଇ ଜୀବନକୁ ଉପଭୋଗ କରି ପାରେନା ତାହା ତ ସମସ୍ତଙ୍କର ଅଙ୍ଗେନିଭା କାହାଣୀ । ମାନବିକ ବନ୍ଧନକୁ ନେଇ ପାରମିତା ଯେଉଁ ସବୁ ଗଳ୍ପ ଲେଖିଛନ୍ତି ସେଥିରେ ମଣିଷର ଶକ୍ତି ଓ ଦୁର୍ବଳତା ଉଭୟ ରହିଛି; କାରଣ ଏ ଦୁଇ ଆଧାରକୁ ଅସ୍ୱୀକାର କରାଯାଇପାରେନା । ସେହି ମାନବିକ ଉତ୍ତରଣର ଆଭାସ ଯେଉଁଠି ରହିଛି ସେଠାରେ ସମସ୍ତ ନିମ୍ନମୁଖୀ ମାନସିକତାକୁ ଊର୍ଦ୍ଧ୍ୱମୁଖୀ କରିବାର ପ୍ରୟାସ ଯେ ରହିଛି ତାହା ନୁହେଁ ସେଥିରୁ କିଛି ଆହରଣ କରିବା ପାଇଁ କ୍ଷେତ୍ର ମଧ୍ୟ ରହିଛି । ଲେଖିକାଙ୍କ ଦୃଷ୍ଟିରେ ଜୀବନର ମହିମ୍ନସ୍ତବ ଉଭୟ ଉତ୍ତରଣ ଓ ମାନବିକ ବନ୍ଧନକୁ ନେଇ ହିଁ ବ୍ୟକ୍ତ ହୁଏ, ଯେଉଁଠାରେ ଏହି ସ୍ତର ଯେତେ ସାନ୍ଦ୍ର ଓ ମଧୁର ସେଠାରେ ଜୀବନାନୁଭୂତି ସେତିକି ଉଚ୍ଚକିତ । ପାରମିତାଙ୍କ ଅନୁଭବର ଗଭୀରତା, କାହାଣୀ କହିବାର ଶୈଳୀ ଓ ନିଜକଥା ନକହି ଚରିତ୍ରମାନଙ୍କୁ ବ୍ୟକ୍ତ କରିବା ପାଇଁ ଦେଉଥିବା ସ୍ୱାଧୀନତାକୁ ଜଣେ ଶକ୍ତିଶାଳୀ ଗାଳ୍ପିକା କରିଛି ।

ମଣିଷ ଋଷି ହେବା ପାଇଁ ଜନ୍ମି ନାହିଁ, କିନ୍ତୁ ଯଦି ଜୀବନଚର୍ଯ୍ୟା ମଧ୍ୟରୁ ଋଷିତ୍ୱ ପୋଖତ ହାତ ଓ ଉଚ୍ଚ ମନର ପରିଚୟ ମିଳେ ତାଙ୍କର ଅନ୍ତର୍ଦୃଷ୍ଟିରୁ । 'ଅଭିସାର', ସଙ୍ଗିନୀ, ଭୋକ, ଦେବଦୂତ ଇତ୍ୟାଦି ଯେକୌଣସି ଗଳ୍ପରେ ଗୋଟିଏ ପରେ ଗୋଟିଏ ଘଟଣା ଏପରି ସହଜରେ ଓ ସ୍ୱାଭାବିକ ରୀତିରେ ଘଟିଯାଏ ଯେ ସେଥିରେ ଥାଏ ଛୋଟ ଝରଣାର କଲ୍ଲୋଳ ଏବଂ ଦୂରରୁ ଭାସିଆସୁଥିବା ବଂଶୀସ୍ୱରର ମୂର୍ଚ୍ଛନା । ବିଷୟ ବସ୍ତୁ ଉପରେ ଏପରି ଅନନ୍ୟ ଦକ୍ଷତା ଓ ସେସବୁକୁ ସଜାଇବାର ଚାତୁର୍ଯ୍ୟ ଗଳ୍ପ ସାହିତ୍ୟରେ କମ୍ ଦେଖିବାକୁ ମିଳେ । ବିରଳ ରୂପକ ଏପରି ଏକ ସୁନ୍ଦର ଗଳ୍ପ ଯେଉଁଠି ଲୋକକଥାର ଏକ କାହାଣୀ ଏତେ ଜୀବନ୍ତ ଭାବେ ପାଠକମାନଙ୍କୁ ଉପହାର ଦେଇ ସେମାନଙ୍କୁ ଧନ୍ୟ କରିଛନ୍ତି ଲେଖିକା । ଗଳ୍ପ ଲେଖିବାର ଶୈଳୀ, ସଂଗଠନର ଶୈବଳ୍ୟ ମନସ୍ତତ୍ତ୍ୱର ଗଭୀର ଉପଲବ୍ଧି ଏବଂ ଚରିତ୍ରମାନଙ୍କର ସ୍ୱାଭାବିକ ଗତିବିଧି ସହିତ ଗଳ୍ପର ପ୍ରବାହ, ଏଥିରେ ପ୍ରସ୍ଫୁଟିତ ସାଙ୍କେତିକତା ଏବଂ ଭାଷାର ଯାଦୁକରୀ ଶକ୍ତି ଓ ପ୍ରୟୋଗ ରଖି ପାଠକକୁ କେବଳ ତନ୍ମୟ କରେ ନାହିଁ । ଭାବିବା ପାଇଁ ଅନେକ ଖୋରାକ ଯୋଗାଇଦିଏ । ଏହାହିଁ ପାରମିତାଙ୍କ ଶକ୍ତି ଏବଂ ଏକାନ୍ତ ନିଜସ୍ୱ ଉଚ୍ଚାରଣ । ମୁଦ୍ରଣ ନିର୍ଭୁଲ ଓ ସୁନ୍ଦର ।

# ମୋ ପ୍ରିୟ ଗଳ୍ପ

ଦେବ ପ୍ରସାଦ ଦାଶ

## ପାରମିତା ଶତପଥୀଙ୍କ ବିରଳ ରୂପକ

♦ ଗପର ନାମ: ବିରଳ ରୂପକ ♦ ଗାଳ୍ପିକା: ପାରମିତା ଶତପଥୀ

♦ ପତ୍ରିକାର ନାମ: ନବଲିପି (ପୂଜା-୨୦୦୧)

ଏହି ସଂଖ୍ୟା ଠାରୁ 'ମୋ ପ୍ରିୟ ଗପ' ଶୀର୍ଷକରେ ଏକ ନୂତନ ଧାରାବାହିକ ସ୍ତମ୍ଭର ଆରମ୍ଭ କରୁଛୁ । ଆପଣଙ୍କୁ ସର୍ବାଧିକ ଆଚ୍ଛନ୍ନ କରିଥିବା ଗୋଟିଏ ଭଲ ଗଳ୍ପ କିମ୍ବା କବିତା ସଂପର୍କରେ ଲେଖି ପଠାଇଲେ ଆମେ ତାହା ଏହି ସ୍ତମ୍ଭରେ ଛାପିବୁ । ମନେ ରଖିବେ ଏଠି ଲେଖକ ଆଦୌ ବଡକଥା ନୁହେଁ, ଲେଖା ହିଁ ଭଲ ଲାଗୁଥିବା ଦରକାର । ସର୍ବାଧିକ ୩ ପୃଷ୍ଠା ଭିତରେ ଲେଖି ପଠାନ୍ତୁ । ପରବର୍ତ୍ତୀ ସଂଖ୍ୟାରେ 'ମୋ ପ୍ରିୟ କବିତା' ପତ୍ରସ୍ଥ ହେବ ।

ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପ ସଂପର୍କରେ ଆଲୋଚନା କଲାବେଳେ ନିରାଶ ହେବାକୁ ପଡେ । ସମସାମୟିକ ଗାଳ୍ପିକମାନଙ୍କ କଥାଦର୍ଶକୁ ଲକ୍ଷ୍ୟ କରି । ସେଇ ଘୋଷରା କାହାଣୀର ପୁନରାବୃତ୍ତି ଅଧିକାଂଶ ଗପରେ । ବ୍ୟକ୍ତିଗତ ଭାବରେ ମୁଁ କାହାଣୀର ନୂତନତ୍ୱ ଓ ସମସାମୟିକ ବାସ୍ତବତାର ପରୋକ୍ଷ ତଥା ସୂକ୍ଷ୍ମ ଅନୁଶୀଳନକୁ ଗୁରୁତ୍ୱ ଦିଏ । ନଷ୍ଟାଲଜିଆ ବା ସ୍ମୃତି, ଖିଟଖିଟ ପ୍ରେମ, ହତାଶ ଯୁବକ ଓ କିଛି ସ୍ପର୍ଶକାତର ଯୌନ ଚେତନାକୁ ନେଇ ଯେଉଁ ଗପ ସବୁ ଲେଖା ଯାଉଛି ସେଗୁଡିକ ମୋତେ ଜଣେ ପାଠକ ହିସାବରେ ଧରି ରଖନ୍ତି ନାହିଁ । ଆଉ ଅନେକ ଗପରେ ଖବରକାଗଜରେ ପ୍ରକାଶିତ ଘଟଣା ଦୁର୍ଘଟଣାର କାଳ୍ପନିକ ପ୍ରତିଫଳନ ଦେଖିବାକୁ ମିଳେ । ସେଗୁଡିକ ଦିନଚର୍ଯ୍ୟା ଭଳି ମନେ ହୁଅନ୍ତି । ସୃଜନଶୀଳ ସ୍ରଷ୍ଟା ଘଟଣା ପଛପଟର ଆବେଗ, ମନସ୍ତତ୍ତ୍ୱ ଓ ସଂପର୍କକୁ ଦେଖି ପାରିବା ଉଚିତ । କାଳ୍ପନିକତା ମଧ୍ୟ ମନକୁ ଛୁଇଁ ପାରେ, ଯଦି ତାହା ସହିତ ଲେଖକ ଆତ୍ମିକ ଓ ଆନ୍ତରିକ ଭାବରେ ଜଡିତ ହୋଇଥାଏ ।

ନିଜେ ଜଣେ ଗାଳ୍ପିକ ହୋଇଥିବାରୁ ଯେଉଁ ଗପଟି ପଢ଼ିଲେ 'ମୁଁ କେବେ ଏପରି ଲେଖି ପାରିବି ନାହିଁ' ବୋଲି ସଚେତନ ବାସ୍ତବତାଟିଏ ମୋତେ ଆବୋରି ବସେ, ସେଇ ଗପଗୁଡିକ ହିଁ ସ୍ୱତଃପ୍ରବୃତ୍ତ ଭାବରେ ମୋର ଆପଣାର ହୋଇଯାଆନ୍ତି ଓ ଦୀର୍ଘ ଦିନ ଧରି ଆନନ୍ଦ ଦିଅନ୍ତି । ଏଭଳି କେତେକ ଗପ ମନେ ପଡି ଯାଉଛନ୍ତି । ଡଃ. ବିଭୂତି ପଟ୍ଟନାୟକଙ୍କ ସଂପାଦିତ 'ଗଳ୍ପ'ରେ ଅନୀଲ କୁମାର ଦାସଙ୍କ 'ଆଲୋକାୟନ' ଓ କ୍ଷୀରୋଦ ଦାସଙ୍କ 'ଆଖୁଟିଏ ଅଶ୍ରୁ', ଦେବବ୍ରତ ମଦନରାୟଙ୍କ ସଂପାଦିତ 'ନବଲିପି'ରେ ପାରମିତା ଶତପଥୀଙ୍କ 'ବିରଳ ରୂପକ', ଗୀତା ହୋତାଙ୍କ ସଂପାଦିତ 'ଅମୃତାୟନ'ରେ ଗୌରହରି ଦାସଙ୍କ 'ବାପା', ଶିବ ପ୍ରସାଦ ଦାସଙ୍କ ସଂପାଦିତ 'ସମର୍ପଣ'ରେ ଅଶୋକ ମହାନ୍ତିଙ୍କ 'ପିଲାଲୋକ', ସୁଦକ୍ଷା ପଟ୍ଟନାୟକଙ୍କ ସଂପାଦିତ 'କଥା'ରେ ମହାନ୍ତି ହିଁ କେବଳ ଲେଖିପାରନ୍ତି 'ପିଲାଲୋକ'କୁ । (୮) ପରେଶ ପଟ୍ଟନାୟକ 'କିଛିନାହିଁ'ରୁ ସୃଷ୍ଟି କରନ୍ତି 'ସବୁକିଛି' ତାଙ୍କ 'ଫୋନ ନମ୍ବର' ଗପରେ । (୯) ସମାଜରେ କାହିଁ କିଛି ଲୋକ ଥା'ନ୍ତି ପ୍ରକୃତ ସହୃଦୟ । ସେମାନେ ହିଁ ମଣିଷତ୍ୱ ଉପରେ ବିଶ୍ୱାସକୁ ବଂଚାଇ ରଖନ୍ତି । ଅଥଚ ପ୍ରତାରିତ ହେବା ସତେ ଯେମିତି ସେମାନଙ୍କ ପାଇଁ ଅବଧାରିତ । ଭାବପ୍ରବଣ ଆବେଦନ ରଖେ କୁମୁଦିନୀ ରାୟଙ୍କ 'ସହଯାତ୍ରୀ' । (୧୦) 'ପ୍ରତିବେଶୀ'ରେ ସରୋଜ ବଳଙ୍କ 'ପାଣି ଓ ପଥର' ଜୀବନର ଏକ କଠୋର ବାସ୍ତବତାକୁ ସୂଚାଏ । ରହିଯିବାକୁ ନୁହେଁ ସବୁ ଯନ୍ତ୍ରଣା ଓ ଅବସାଦକୁ ପ୍ରତିହତ କରି ନିରବଚ୍ଛିନ୍ନ ଗତିଶୀଳ ରହିବା ହିଁ ଜୀବନ । ଏକ ସାର୍ଥକ କ୍ଷୁଦ୍ର ଗଳ୍ପ ତରୁଣ ସରୋଜଙ୍କ କଲମରୁ ।

ତେବେ ଯେଉଁ ନିର୍ଦ୍ଦିଷ୍ଟ ଗପଟି ମତେ ଅଭିଭୂତ କରିଥିଲା ଓ ଯାହାର ଗଭୀର ଅନ୍ତଃଚେତନା ମତେ ଏବେ ବି ମୋହାଚ୍ଛନ୍ନ କରି ରଖିଛି, ସେଇଟି ହେଲା 'ନବଲିପି'ରେ ପ୍ରକାଶିତ ପାରମିତା ଶତପଥୀଙ୍କ 'ବିରଳ ରୂପକ' ।

ବୁଦ୍ଧତ୍ୱ ଏକ ସୀମିତ ପରିଭାଷା ନୁହେଁ । ତଥାଗତ ବାର୍ଦ୍ଧକ୍ୟ, ଜରା, ମୃତ୍ୟୁ ଦେଖି ସଂସାର ତ୍ୟାଗ କରିଥିଲେ । ପାରମିତାଙ୍କ ସୁଯଶା, ଯନ୍ତ୍ରଣା, କଷ୍ଟ, ବେଦନା ଓ ବ୍ୟଥାକୁ ଲକ୍ଷ୍ୟ କରି ଅନ୍ୟମନସ୍କ ହୁଅନ୍ତି । ଜହ୍ନ, ତାରା, ଫୁଲ ଓ ଝରଣା ତାଙ୍କୁ ଆତ୍ମବିସ୍ମୃତ କରେ । ଜୀବନର ପରିପୂର୍ଣ୍ଣତା ନ ଥାଏ ରାଜକୀୟ ବିଳାସର କୋଳାହଳ ଭିତରେ; ସୁଯଶା ଶାନ୍ତି ଖୋଜନ୍ତି ଗଂଭୀର ପ୍ରସ୍ତ ପ୍ରସ୍ତ ନୀରବତା ଭିତରେ । ସାର୍ଥକ (ବାଲ୍ୟସାଥୀ ଘୋଡା ନା ନିଜର ଆତ୍ମିକ ପ୍ରତିରୂପ ?) କୁ ସେ ଯେତେବେଳେ କହନ୍ତି- ସେଠି କେହି ଫୁଲର ସୁବାସକୁ ଆଘ୍ରାଣ କରନ୍ତି ନାହିଁ, ମୁଗ୍ଧ ହୁଅନ୍ତି ନାହିଁ ବିସ୍ତୃତ ଫୁଲର ଶଯ୍ୟା ଦେଖି ।.... ତାରା ମାନଙ୍କୁ ଦେଖି ଦେଖି କେହି ରାତି କାଟି ଦିଅନ୍ତି ନାହିଁ- କାକର

ଅଜୟ ସ୍ୱାଇଁଙ୍କ 'ମିଛ ଦିନ', ସନ୍ତୋଷ ସାହୁଙ୍କ ସଂପାଦିତ 'ଓଡ଼ିଆ ପର୍ବ'ରେ ଗୌରହରି ଦାସଙ୍କ 'ସଂକୀର୍ତ୍ତନ' ଓ ରଶ୍ମୀ ରାଉତଙ୍କ 'ପ୍ରେମିକା', ବନ୍ଦନା ମିଶ୍ରଙ୍କ ସଂପାଦିତ 'ତୀରତରଙ୍ଗ'ରେ କୁମୁଦିନୀ ରାୟଙ୍କ 'ସହଯାତ୍ରୀ' ଏବଂ ଜ୍ୟୋତିର୍ମୟୀ ଦାଶଙ୍କ ସଂପାଦିତ 'ଶୋଭନା'ରେ ପରେଶ କୁମାର ପଟ୍ଟନାୟକଙ୍କ 'ଫୋନ ନମ୍ବର' ଇତ୍ୟାଦି କେତୋଟି ଗଳ୍ପ ମତେ ବିମୁଗ୍ଧ କରିଛନ୍ତି ଓ ସେଗୁଡ଼ିକୁ ମୁଁ ବାରମ୍ବାର ପଢ଼ିଛି ।

(୧) ଏକ୍ଷଣ ପରେ ମା'କୁ ହରାଇଥିବା ସଂଚିତା ଭିନ୍ନ ଏକ ସମୟରେ ସାମନା କରିଛି ରାକ୍ଷସମାନଙ୍କର । ସେ ଦୁଃଖିପାରେ ନିଜକୁ ଜାହିର କରିବା ଏତେ କଠିନ କାର୍ଯ୍ୟ ନୁହେଁ । ଭାଷାରେ ଯାଦୁ ଖେଳନ୍ତି ଅନୀଲ ଦାଙ୍କ ଗଳ୍ପ 'ଆନ୍ଦୋଳାୟନ'ରେ (୨) କ୍ଷୀରୋଦ ପୁଣି ସ୍ମୃତିକୁ ନେଇ ଓଦା କରି ଦିଅନ୍ତି ପାଠକ ମାନସିକତାକୁ 'ଆଞ୍ଜୁଳାଏ ଅଶ୍ରୁ'ରେ । ସମାଜ ପରିଣତିକୁ ଏଡ଼ାଇ ଯିବାର ପ୍ରୟାସ କରେ ପାଠକ ଅପଚଣ୍ଡିକୁ ଦେଖିବ ନାହିଁ ବୋଲି । (୩) 'ବାପା' ଏକ ଅଭୂତପୂର୍ବ ଗଳ୍ପ । ଅସୁସ୍ଥ ପିତାଙ୍କ ମୃତ୍ୟୁ ପରେ ବି ଅନୁକମ୍ପା ତାଡ଼ିକରୀତିଏ ମିଳିମିଳିବ ସଂଚୟକୁ, ଅଥଚ ବାପାଙ୍କ ମୃତ୍ୟୁ ବିଳମ୍ବିତ । ସାଜିବ କି ସେ ହତ୍ୟାକାରୀ ଯନ୍ତ୍ରଣା ସହିତ ହୁଏତ ଦୂରେଇ ଯିବ ତାର ଦୈନ୍ୟ ଓ ଅସହାୟତା ? ଚମତ୍କାର ଆବେଦନ ଗଳ୍ପଟିର । ମୋର ସବୁ ସମୟର ଏକ ପ୍ରିୟ ଗଳ୍ପ ହୋଇ ରହିବ । (୪) ଗୌରହରିଙ୍କ ଅନ୍ୟ ଗଳ୍ପ 'ସଂକୀର୍ତ୍ତନ' ନୈତିକତାର ଅଧ୍ୟାତ୍ମ୍ୟାୟନର ଆଉ ଏକ ମାର୍ମିକ ଚିତ୍ରଣ । ସ୍ୱର ପରିବେଷିତ ହୋଇଯାଏ ଭଣ୍ଡ ଆଶ୍ରମରେ ଓ ତାରି ଭିତରେ ଦେବ ପ୍ରସାଦ ବଂଚାଇ ରଖିବାକୁ ଚାହେଁ ଆଶାଟିକୁ (୫) ଅଜୟ ସ୍ୱାଇଁ ଏକାନ୍ତ ନିଜସ୍ୱ ଶୈଳୀରେ ଉତ୍ତର ଆଧୁନିକତାର ଅବକ୍ଷେପ କରନ୍ତି ବିଚିତ୍ର ଏକ ପ୍ରେମ କାହାଣୀରେ । (୬)ପ୍ରେମ ହିଁ ବଂଚାଇ ରଖେ କଳ୍ପନା, ସ୍ୱପ୍ନ ଓ ସୌନ୍ଦର୍ଯ୍ୟକୁ । ରଶ୍ମୀରାଉତ ଖୁବ୍ ଅନ୍ତରଙ୍ଗ ଭାବେ 'ପ୍ରେମିକା'ରେ, । ପୂଜାର ପ୍ରେମ ସାର୍ବଜନୀନ ଅନୁଭୂତିକୁ ରୂପାନ୍ତରିତ ହୋଇଯାଏ ଗଳ୍ପ ଶେଷ କଲାବେଳକୁ । (୭) ବିଅର ପିଇବାଟା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବିଅର ବୋତଲଟା ଖୋଲିବା-ଅଜୟ ପଡ଼ିଥିବା ସକାଳୁଆ ଦୁବ ଘାସରେ ଖାଲି ପାଦରେ ଚାଲନ୍ତି ନାହିଁ, ବୈଶାଖ ଝଡ଼ର ହେମାଳ ବର୍ଷା ପାଣିରେ ଦେହକୁ ଭିଜାନ୍ତି ନାହିଁ, ସଦ୍ୟ ବର୍ଷା ଭିଜା ମାଟିକୁ ଶୁଙ୍ଘାଇ ଧରନ୍ତି ନାହିଁ, ସେଠି କେହି ପୂର୍ଣ୍ଣିମା ରାତିରେ ନଦୀ କୂଳରେ ବସନ୍ତି ନାହିଁ, ସେଠି କେହି....." ସେତେବେଳେ ସୁଜଣାଙ୍କ ବକ୍ତବ୍ୟ ଜୀବନକୁ ବୁଝିଥିବା ତାର ବସ୍ତୁବାଦୀ ନିରର୍ଥକତାକୁ ଅନୁଭବ କରିଥିବା ପ୍ରତ୍ୟେକ ଚିନ୍ତା ବ୍ୟକ୍ତିର ସାର୍ବଜନୀନ ଅନୁଭୂତିରେ ରୂପାନ୍ତରିତ ହୋଇଯାଏ । ଜଣେ ଲେଖକ ପାଇଁ ଏହା କମ ବଡ଼ କଥା ନୁହେଁ ।

ଉପର ପରିଣତିକୁ ଲକ୍ଷ୍ୟ କରି କରାଯାଉ । ଗମ୍ଭୀର ନୀରବତା ଆଡ଼କୁ ଯିବାକୁ ଉଦ୍ୟତ ରାଜକୁମାରୀ ସାର୍ଥକକୁ ପଚାରୁଛନ୍ତି ସେ ଯିବ କି ତାଙ୍କ ସହିତ ? ଅସୁସ୍ଥ ସୁଜଣାଙ୍କ ପ୍ରଶ୍ନ ବାର୍ଦ୍ଧକ୍ୟ ଗ୍ରସ୍ତ, ରୁଗ୍ଣ ସାର୍ଥକକୁ । ସାମାନ୍ୟ ନୀରବତା ପରେ ଧୀର ଭାବରେ ଆଉ ଯୋଡ଼ ଦୁଇଟି ରାଜି ନିଜକୁ ନୂଆଁଇ ଆଣିଲା ସାର୍ଥକ ଓ ରାଜକୁମାରୀ ସୁଜଣା ତା ପିଠିରେ ବସିଲେ । ସାର୍ଥକ ଧୀରେ ଧୀରେ ବନର ନିବିଡ଼ତା ଦିଗରେ ଅଗ୍ରସର ହେଲା । ଦୁହେଁ ନୀରବ ଥିଲେ । ମେଘ ନିରବତା ପ୍ରସ୍ଥ ପ୍ରସ୍ଥ ଗମ୍ଭୀର ପଟଳ ନାଲିରଙ୍ଗ ସହ ମିଶିବ ହେବାକୁ ଯାଉଥିଲା ।

ସୂର୍ଯ୍ୟାସ୍ତ ସରି ଆସୁଥିଲା । "

ଏଠି ଗଳ୍ପଟି ଏକ ରହସ୍ୟମୟ ଉପଲହିରେ ଶେଷ ହୋଇଛି । ଚମତ୍କାର ବର୍ଣ୍ଣନା ଓ ଭାଷା ବିନ୍ୟାସ । ଗାଳ୍ପିକା ସଚେତନ ଭାବରେ ଗଳ୍ପଟିକୁ ଶେଷ କରିଛନ୍ତି । ଏକ କୁହେଳିକାମୟ ଅସ୍ପଷ୍ଟତା ଭିତରେ; ଅଥଚ କଣ ସେ କହୁଛନ୍ତି ତାହା ସୁସ୍ପଷ୍ଟ । ଏହି ପରିଣତିରେ ଗଳ୍ପଟି ସାଧାରଣ ପର୍ଯ୍ୟାୟରୁ ଉନ୍ନୀତ ହୋଇ ଦର୍ଶନ ପାଲଟିଛି । ଦୈନନ୍ଦିନତା ରୂପାନ୍ତରିତ ହୋଇଛି ଆଧ୍ୟାତ୍ମିକତାରେ । ସମସାମୟିକ ଗଳ୍ପଧାରାରୁ 'ବିରଳ ରୂପକ' ଏକ ରୋମାଞ୍ଚକର ବ୍ୟତିକ୍ରମ । ଘଟଣାଟାକୁ ହାର୍ଦ୍ଦିକ ଅଭିନନ୍ଦନ ।

ସତରେ ଏପରି ଗଳ୍ପଟିଏ ମୁଁ କେବେ ବି ଲେଖିପାରି ନ ଥାନ୍ତି ।

ପ୍ରଶାନ୍ତି,ରାଜାରାଣୀ କଲୋନୀ, ଭୁବନେଶ୍ୱର-୨